ନ୍ୟୁ ଅପୋଷ୍ଟଲିକ ଚର୍ଚ୍ଚ
ଇଣ୍ଡିଆ

# ଧନ୍ୟବାଦ ଅର୍ପଣ ୨୦୨୬

ପ୍ରିୟ ଭାଇ ଓ ଭଉଣୀମାନେ,

ଯେପରି ଆମେ ଅକ୍ଟୋବର ୪ ତାରିଖ ରବିବାର ଦିନ ଆମ ଚର୍ଚ୍ଚ ଧନ୍ୟବାଦ ଅର୍ପଣ ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛୁ ଆସୁ ଆମେ ସେହି ସମାନ ପ୍ରେରଣାଦାୟକ ବାକ୍ୟକୁ ଧାରଣ କରି ଏହି ଉତ୍ସବରେ ପ୍ରବେଶ କରିବା ଯାହା ଆମକୁ ବର୍ଷ ସାରା ପରିଚାଳନା ପ୍ରଦାନ କରିଛି : **''ଭୟ କର ନାହିଁ, କେବଳ ବିଶ୍ୱାସ କର''** (ମାର୍କ ୫:୩୬) ।

ଭୟ ଓ ବିଶ୍ୱାସ ମଧ୍ୟରେ ଠିଆହୋଇ ଜାଇରସ୍ ସେହି ବାକ୍ୟ ଶୁଣିଲେ । ଯାହା ସେ ସବୁଠାରୁ ଅଧିକ ଭୟ କରୁଥିଲେ ତାହା ବାସ୍ତବତାରେ ପରିଣତ ହୋଇଥିବା ପରି ମନେ ହେଉଥିଲା, ତଥାପି ଯୀଶୁ ତାଙ୍କୁ ତାଙ୍କଠାରେ ବିଶ୍ୱାସ ରଖିବା ପାଇଁ ନିମନ୍ତ୍ରଣ କଲେ । ତାଙ୍କର ପରିସ୍ଥିତି ତାଙ୍କୁ ଭୟଗ୍ରସ୍ତ ହେବାର ସମସ୍ତ କାରଣ ଦେଇଥିଲା, ଯୀଶୁ ତାଙ୍କୁ ବିଶ୍ୱାସରେ ସ୍ଥିର ରହିବାକୁ କହିଲେ ।

ସମ୍ଭବତଃ ସେହିଠାରୁ ହିଁ କୃତଜ୍ଞତା ଜ୍ଞାପନ ଆରମ୍ଭ ହୁଏ : ବିଶ୍ୱାସରେ

ଈଶ୍ୱରଙ୍କୁ କୃତଜ୍ଞତା ସହଜ ହୋଇଥାଏ, ଯେତେବେଳେ ଆମେ ଆମର ଜୀବନରେ ଆଶୀର୍ବାଦଗୁଡ଼ିକୁ ସ୍ପଷ୍ଟ ଭାବରେ ଦେଖିପାରିବା । କିନ୍ତୁ କୃତଜ୍ଞତା ଯେଉଁ ବିଷୟଗୁଡ଼ିକ ସଫଳ ହୋଇଛି ସେଗୁଡ଼ିକୁ କେବଳ ଗଣନା କରିବା ଅପେକ୍ଷା ଅଧିକ ଗଭୀର । ଆମର ପରିସ୍ଥିତି ଯାହା ବି ହେଉନା କାହିଁକି, ଈଶ୍ୱର ଆମର ନିକଟବର୍ତ୍ତୀ ହୋଇଛନ୍ତି ଏହା ଅନୁଭବ କରିବା ଦ୍ୱାରା କୃତଜ୍ଞତା ଆରମ୍ଭ ହୁଏ । ଯୀଶୁଖ୍ରୀଷ୍ଟଙ୍କଠାରେ ସେ ଆମକୁ ସେହି ବିଷୟ ପ୍ରଦାନ କରିଛନ୍ତି ଯାହା ଆମେ କେବେ ନିଜ ଚେଷ୍ଟାରେ ପାଇ ପାରିବା ନାହିଁ । ଖ୍ରୀଷ୍ଟ କ୍ରୁଶ ଉପରେ ତାହା କରିସାରିଛନ୍ତି ଯାହା ଆମର କୌଣସି ବଳିଦାନ କେବେ କରିପାରି ନ ଥାନ୍ତା ଆମେ ତାଙ୍କ ପାଖକୁ କୌଣସି ବିଷୟ ଅର୍ପଣ କରିବା ପୂର୍ବରୁ ଆମେ ଈଶ୍ୱରଙ୍କ ଦ୍ୱାରା ପ୍ରେମ ପ୍ରାପ୍ତ ହୋଇଛୁ ।

ତାହା ଦାନ କରିବା ବିଷୟରେ ଆମର ଚିନ୍ତାଧାରାକୁ ପରିବର୍ତ୍ତନ କରେ ।

ଆମେ ଈଶ୍ୱରଙ୍କ ଅନୁଗ୍ରହ ପାଇବା ପାଇଁ ଦାନ କରୁନାହୁଁ । ଆମର ବିଶ୍ୱାସକୁ ପ୍ରମାଣିତ କରିବା ପାଇଁ ଆମେ ଦାନ କରୁନାହୁଁ । ଆଉ ଈଶ୍ୱର ଆମଠାରୁ ପ୍ରତିବଦଳରେ କିଛି ଆବଶ୍ୟକ କରନ୍ତି ନାହିଁ । ବରଂ, ଆମେ ତାଙ୍କଠାରୁ ଯାହା ପ୍ରାପ୍ତ ହୋଇଛୁ ତାହା ଉପରେ ଯେତେବେଳେ ପ୍ରତିଫଳିତ କରୁ, କୃତଜ୍ଞତା ନିଜକୁ ପ୍ରକାଶ କରିବା ପାଇଁ ସ୍ୱାଭାବିକ ଭାବରେ ଏକ ଉପାୟ ଖୋଜେ ।

ଏହା ବଳିଦାନର ମୂଳ ତତ୍ତ୍ୱ ଅଟେ । କେଟାକିଜମ ବଳିଦାନକୁ ପରମେଶ୍ୱରଙ୍କ ଉପାସନା ତାଙ୍କୁ ଧନ୍ୟବାଦ ଦେବା ଓ ତାଙ୍କଠାରେ ନିଜକୁ ସମର୍ପଣ କରିବାର ଏକ ମାଧ୍ୟମ ଭାବରେ ବର୍ଣ୍ଣନା କରେ (ସିଏନଏସି ୧୩.୨) ଏହାର ଅର୍ଥ ସେହି ବିଷୟକୁ ଚିହ୍ନିବା ଯାହା ଈଶ୍ୱର ଆମକୁ ବିଶ୍ୱାସପୂର୍ବକ ଭାରାର୍ପଣ କରିଛନ୍ତି । କୃତଜ୍ଞତା ସହିତ ନିଜେ କିଛି ତାଙ୍କ ନିକଟକୁ ନୈବେଦ୍ୟ ଆଣିବା । ଆମର ଆତ୍ମିକ ନୈବେଦ୍ୟ ସେହି ବଳିଦାନର ଏକ ଅଭିବ୍ୟକ୍ତି ଅଟେ ।

ଧର୍ମଶାସ୍ତ୍ରରେ ଦାନକୁ ଈଶ୍ୱରଙ୍କଠାରେ ବିଶ୍ୱାସ ସହିତ ବହୁ ଦିନରୁ ଜଡ଼ିତ କରାଯାଇଛି । ପ୍ରଥମ ଫଳ ପରମେଶ୍ୱରଙ୍କ ନିକଟକୁ ଏଥିପାଇଁ ଅଣାଯାଇ ନଥିଲା ଯେ ତାଙ୍କୁ ସେଗୁଡ଼ିକର ଆବଶ୍ୟକତା ରହିଥିଲା, କିନ୍ତୁ ଏହି କାରଣରୁ ଆଣାଯାଇଥିଲା ଯେ ତାଙ୍କର ଲୋକମାନେ ଜାଣିଥିଲେ ଯେ ସେମାନଙ୍କର ଆଶୀର୍ବାଦ କେଉଁଠାରୁ ଆସିଥିଲା (ଯାତ୍ରାପୁସ୍ତକ ୨୩:୧୯) । ଯୀଶୁ ମଧ୍ୟ ଦାନ କରୁଥିବା ବ୍ୟକ୍ତିର ହୃଦୟକୁ ଦାନର ପରିମାଣ ଅପେକ୍ଷା ଅଧିକ ଧ୍ୟାନ ଆକର୍ଷଣ କରୁଥିଲେ ।

ଆମେ ଏହି ବିଷୟକୁ ବିଧବାଠାରେ ଦେଖିପାରୁ ଯିଏ ଦୁଇଟି କ୍ଷୁଦ୍ର ମୁଦ୍ରା ଆଣିଥିଲେ (ଲୂକ ୨୧:୧–୪) । ତାହାର ଦାନ ସହଜରେ ଅଲକ୍ଷିତ ହୋଇଥାନ୍ତା । କିନ୍ତୁ ତାଙ୍କୁ ଦେଖିଲେ ସେ କଣ ଦେଲେ କେବଳ ତାହା ଦେଖିଲେ ନାହିଁ, କିନ୍ତୁ ଯେଉଁ ହୃଦୟରେ ସେ ଏହା ଦେଲେ ତାହା ମଧ୍ୟ ଦେଖିଲେ ।

ଆମର ନୈବେଦ୍ୟ ଏକ ମାଧ୍ୟମ ଯାହାଦ୍ୱାରା ଆମେ ଈଶ୍ୱରଙ୍କ ପ୍ରତି ଆମର କୃତଜ୍ଞତା ପ୍ରକାଶ କରୁ । କେଟାକିଜମ୍ ଆମକୁ ସ୍ମରଣ କରାଏ ଯେ ଜଣେ ବିଶ୍ୱାସୀ ''ଏକ ବ୍ୟାପକ ଅର୍ଥରେ ଏକ ବଳିଦାନ ମଧ୍ୟ ଆଣିପାରେ, ଅର୍ଥାତ୍ ନିଜ ହୃଦୟକୁ ଉତ୍ସର୍ଗ କରିବା ଦ୍ୱାରା'' (ସିଏନ୍ଏସି ୧୩.୨.୩) । ଏହି ମାଧ୍ୟମରେ ଆମର କୃତଜ୍ଞତା ଏହି ବିଷୟକୁ ମଧ୍ୟ ଆକାର ଦେଇପାରିବ ଯାହା ଆମେ ନିଜେ ଦେଉ – ଆମର ସମୟ, ଆମର ଦକ୍ଷତା, ଆମର ଧ୍ୟାନ, ଆମର ଯତ୍ନ । ଏହା ଜଣେ ସଂଘର୍ଷ କରୁଥିବା ବ୍ୟକ୍ତି ପାଇଁ ଉତ୍ସାହ, ଜଣେ ଏକାକୀ ରହିଥିବା ବ୍ୟକ୍ତି ପାଇଁ ଖାଦ୍ୟ, ଆମର ପରିବାର ମଧ୍ୟରେ ଧୈର୍ଯ୍ୟ, ଯେଉଁ କ୍ଷମା ପ୍ରଦାନ କରିବା କଷ୍ଟକର ସେହି କ୍ଷମା, କିମ୍ବା ଯେତେବେଳେ ଆଉ ଜଣେ ବ୍ୟକ୍ତିଙ୍କୁ ଆମର ଆବଶ୍ୟକତା ରହିଅଛି ସେହି ସମୟରେ ଉପସ୍ଥିତ ରହିବାର ଇଚ୍ଛାଶକ୍ତି ହୋଇପାରେ ।

# ଧନ୍ୟବାଦ ଅର୍ପଣ ୨୦୨୬

ଏହି ସମସ୍ତ ବିଷୟ ମଧ୍ୟରେ କୌଣସି ମଧ୍ୟ ଅସାଧାରଣ ମନେ ହୁଏ ନାହିଁ । ଦୁଇଟି କ୍ଷୁଦ୍ର ମୁଦ୍ରା ମଧ୍ୟ ସାଧାରଣ ମନେ ହୋଇ ନ ଥିଲା ।

ଧନ୍ୟବାଦ ଅର୍ପଣ ଦିବସ ଆମ ପ୍ରତ୍ୟେକଙ୍କୁ ଈଶ୍ୱର ଯାହା ଦେଇଛନ୍ତି ତାହା ପ୍ରତି ଆମର ପ୍ରତିକ୍ରିୟା ବିବେଚନା କରିବାକୁ ନିମନ୍ତ୍ରଣ କରେ । ମୁଁ କୃତଜ୍ଞତାରେ ତାଙ୍କ ନିକଟକୁ କ'ଣ ଆଣି ପାରିବି? ମୁଁ କିପରି ଜୀବନଯାପନ କରେ, ଦାନ କରେ ଓ ସେବା କରେ ସେଥିରେ ସେହି କୃତଜ୍ଞତା କିପରି ଆକାର ନେଇପାରିବ?

ଯେତେବେଳେ ଆମର ପିଲାମାନେ ଆମକୁ ଏହିପରି ଜୀବନଯାପନ କରିବା ଦେଖିବେ ସେମାନେ କିଛି ସୁନ୍ଦର ବିଷୟ ଶିଖିପାରିବେ । ସେମାନେ ଶିଖିବେ ଯେ କୃତଜ୍ଞତା ଆମେ ଯାହା କହୁ ତା'ଠାରୁ ଅଧିକ ବିଷୟ ଅଟେ, ଏବଂ ଈଶ୍ୱରଙ୍କଠାରେ ଭରସା ଆମେ ଯାହା ଘୋଷଣା କରୁ ତାଠାରୁ ଅଧିକ । ସେମାନେ ଦେଖିବେ ଯେ ଈଶ୍ୱର ଆମକୁ ଦେଇଥିବା ଅନୁଗ୍ରହ ଦାନଗୁଡିକ କେବଳ ଆମ ପାଇଁ ନୁହେଁ । ପୁଣି ସେମାନେ ଦେଖିବେ ଯେ ବିଶ୍ୱାସ କିପରି ଆମର । ପ୍ରତ୍ୟେକ ବିଷୟକୁ ଆକାର ଦେଇପାରେ ଯେପରିକି ଆମର ସମୟର ଉପଯୋଗ, ଆମେ କିପରି ଲୋକମାନଙ୍କ ପ୍ରତି ବ୍ୟବହାର କରୁ, ଆମେ କିପରି ସେବା କରୁ, ଆମେ କିପରି ଅଂଶୀଭାଗି କରୁ ଓ ଆମେ କିପରି ଜୀବନଯାପନ କରୁ ।

ସର୍ବୋପରି ଏହା ଆମ ଚର୍ଚ୍ଚର ଲକ୍ଷ୍ୟର ଅଂଶ : ଏକ ଆନ୍ତରିକ ସହଭାଗିତା ଉତ୍ପନ୍ନ କରିବା ଯେଉଁଠାରେ ସମସ୍ତେ ଈଶ୍ୱରଙ୍କ ପ୍ରେମ ଓ ତାହାଙ୍କୁ ଓ ଅନ୍ୟମାନଙ୍କୁ ସେବା କରିବାର ଆନନ୍ଦ ଅନୁଭବ କରିପାରିବେ ।

ତେଣୁ ଯେପରି ଅକ୍ଟୋବର ୪ ତାରିଖ ନିକଟତର ହେଉଛି, ଆସୁ ଆମେ କୃତଜ୍ଞତା ସହିତ ସମସ୍ତ ବିଷୟକୁ ସ୍ୱୀକାର କରିବା ଯାହା ଈଶ୍ୱର ଆମକୁ ପ୍ରଦାନ କରିଛନ୍ତି । ତାହାଙ୍କଠାରେ ବିଶ୍ୱାସ ରଖି, କୃତଜ୍ଞତା ପ୍ରକାଶିତ ହେଉ – ଆମ ପ୍ରତ୍ୟେକଙ୍କଠାରେ ନିଜ ନିଜ ଉପାୟରେ – ଆମେ ତାହାଙ୍କୁ ଯାହା ଅର୍ପଣ କରୁ ସେଥିରେ, ଅନ୍ୟମାନଙ୍କୁ ଆମେ ଯାହା ଅଂଶୀଭାଗୀ କରୁ ସେଥିରେ ଓ ଆମେ କିପରି ନିଜକୁ ସମର୍ପିତ କରୁ ସେଥିରେ ।

ଆମ ଜିଲ୍ଲାର ପ୍ରେରିତ ଓ ବିଶପ୍‌ମାନଙ୍କ ସହିତ, ଆମେ ତୁମକୁ ଓ ତୁମେ ଯେଉଁମାନଙ୍କୁ ପ୍ରେମ କର ସମସ୍ତଙ୍କୁ ଏକ ଆଶୀର୍ବାଦପୂର୍ଣ୍ଣ ଓ କୃତଜ୍ଞ ଧନ୍ୟବାଦ ଅର୍ପଣ ଦିବସର କାମନା କରୁଛୁ ।

ଆନ୍ତରିକ ଭାବରେ

ଆରନଡ଼ ମାରଟିଗ୍